**ତା25.02.2021 . ରିଖ**

**<u>CWC ଠାରେ ଥିବା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ</u>**

**SAQ-151/ଶ୍ରୀ ଭୂପିନ୍ଦର ସିଂହ** : ଜଳସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁ କେଉଁ ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ CWC ଠାରେ ପଡି ରହିଛି ତାର ନାମ ସହିତ ଜଣାଇବେ କି, ରାହୁଲ, ଭଡେଇ ଓ ଉଦନ୍ତୀ ନଦୀର tender କାର୍ଯ୍ୟଠାରୁ ଡାକିବା ପାଇଁ ସ୍ଥିର ହୋଇଅଛି ?

**<u>ଉ ତ୍ତ ର</u>**

**ଶ୍ରୀ ରଘୁନନ୍ଦନ ଦାସ, ଜଳସମ୍ପଦ ମନ୍ତ୍ରୀ, ଓଡିଶା ।**

CWC କୁ ୫ ଟି ପ୍ରକଳ୍ପର DPR ଯଥା ଅପର ଉଦନ୍ତୀ, ମିଡିଲ କୋଲାବ, ଖଇରିବନ୍ଧନ, ଅପର ବଂଶଧାରା, ଲୋୟର ବଂଶଧାରା, ତେଲ-ଇଣ୍ଟିଗ୍ରେଟେଡ, ଲକ୍ଷ୍ମୀପଥର ଓ ନବରଙ୍ଗପୁର ଏବଂ 7 ଟି ପ୍ରକଳ୍ପର Feasibility Report (FR) ଯଥା ଅପର ସମାକୋଇ, ଚନ୍ଦ୍ରିନଳା, କଟାଙ୍ଗୀ, ତେଲିଜୋର, ଖଡାଗୋ, ଲୋୟର ଉଦନ୍ତୀ ଓ ସତିଘାଟ ଅନୁମୋଦନ ପାଇଁ ପ୍ରେରଣ କରାଯାଇଅଛି ।

ତନ୍ମଧ୍ୟରୁ CWC, ତେଲ-ଇଣ୍ଟିଗ୍ରେଟେଡ, ଲକ୍ଷ୍ମୀପଥର, ତେଲିଜୋର, ଖଡଗୋ ଓ ସତିଘାଟ ପ୍ରକଳ୍ପ ଗୁଡିକର, ମହାନଦୀ ଜଳ ବିବାଦ ମାମଲା ଚୁଡାନ୍ତ ନିଷ୍ପତ୍ତି ପ୍ରାପ୍ତ ହେବା ପର୍ଯ୍ୟନ୍ତ ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖି ଫେରସ୍ତ କରିଛନ୍ତି ଏବଂ କଟାଙ୍ଗୀ, ଲୋୟର ଉଦନ୍ତୀ ଓ ଅପର ଉଦନ୍ତୀ ପ୍ରକଳ୍ପର ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଚୁଡାନ୍ତ ନିଷ୍ପତ୍ତି ପରେ ଏଗୁଡିକ ପୁନଶ୍ଚ CWC କୁ ପ୍ରେରଣ କରିବା ପାଇଁ ଜଣାଇଛନ୍ତି । ଅନ୍ୟ ପ୍ରକଳ୍ପ ଗୁଡିକର DPR ଓ FR ବିଭିନ୍ନ କାରଣ ପାଇଁ CWC ଠାରେ ପଡିରହିଅଛି ।

ରାଉଲ ଉଡେଇ ପ୍ରକଳ୍ପର ସର୍ଭେ ଅନୁସନ୍ଧାନ କାର୍ଯ୍ୟ ଚାଲୁଥିବାରୁ ଏବଂ ଅପର ଉଦନ୍ତୀ ପ୍ରକଳ୍ପ CWC ର ଅନୁମୋଦନ ପାଇ ନଥିବାରୁ ବର୍ତ୍ତମାନ ଏହାର Tender ଡକାଯିବା ପାଇଁ ପ୍ରସ୍ତାବ ନହିଁ ।

## ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟବୋର୍ଡ଼ ଦ୍ୱାରା ଅନୁମୋଦନ

***152. ଶ୍ରୀ ମୋହନ ଚରଣ ମାଝୀ:** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେକି - (କ) ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ 2015ର ନିୟମ 5 ଅନୁଯାୟୀ କେନ୍ଦୁଝର ଜିଲ୍ଲାର 2019 2020 ବର୍ଷରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟବୋର୍ଡ଼ ଦ୍ୱାରା ବାର୍ଷିକ ବଜେଟ, ଆକ୍ସନ ପ୍ଲାନ, ପ୍ରସପେକଟିଭ ପ୍ଲାନ, ମାଷ୍ଟର ପ୍ଲାନ ଏବଂ ସମୀକ୍ଷକ(ଅଡିଟର) ନିଯୁକ୍ତି ଓ ବାର୍ଷିକ ବିବରଣୀକୁ ଅନୁମୋଦନ କରାଯାଇଛିକି, ଯଦି କରାଯାଇନାହିଁ କେଉଁ କାରଣରୁ କରାଯାଇନାହିଁ ଏବଂ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯିବ , 2019 2020 ବର୍ଷରେ କେଉଁ ବ୍ଲକ ଓ ପୌରାଞ୍ଚଳରେ ଉଚ୍ଚ ଅଗ୍ରାଧିକାର ଓ ଅନ୍ୟ ଅଗ୍ରାଧିକାର କ୍ଷେତ୍ରରେ କେତେ ବ୍ୟୟ ଅଟ୍ଟକଳର କେତେଗୋଟି ପ୍ରକଳ୍ପକୁ ଟ୍ରଷ୍ଟବୋର୍ଡ଼ର ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇଛି , ଏବଂ (ଖ) କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ 2015ରେ ଥିବା କେଉଁ କେଉଁ ନିୟମକୁ ଉଲଂଘନ କରାଯାଇଛି ଏବଂ କେଉଁ କେଉଁ କାର୍ଯ୍ୟ ନିୟମ ଅନୁଯାୟୀ କରାଯାଇନାହିଁ , କେଉଁ ନିୟମ ଉଲ୍ଲଘନ ପାଇଁ କାହାକୁ ନିର୍ଦ୍ଦିଷ୍ଟଭାବେ ଉତ୍ତରଦାୟୀ କରାଯାଇଛି ?

**ଉତ୍ତର**

**ଶ୍ରୀ ପଦ୍ମନାଭ ବେହେରା**

**ମାନ୍ୟବର ମନ୍ତ୍ରୀ, ଯୋଜନା ଓ ସଂଯୋଜନ**

**ବାଣିଜ୍ୟ ଓ ପରିବହନ**

(କ) ଜିଲ୍ଲାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ 2015 ର ନିୟମ 5 ଅନୁଯାୟୀ କେନ୍ଦୁଝର ଜିଲ୍ଲାର 2019-2020 ବର୍ଷରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ବାର୍ଷିକ ବଜେଟ, ଆକ୍ସନପ୍ଲାନ, ପ୍ରସପେକଟିଭ ପ୍ଲାନ, ମାଷ୍ଟର ପ୍ଲାନ, ବାର୍ଷିକ ବିବରଣୀ ପ୍ରସ୍ତୁତ ଓ

ସମୀକ୍ଷକ(ଅଡିଟର) ନିଯୁକ୍ତି କରାଯାଇଅଛି ଏବଂ ଏହା ଆସନ୍ତା ଟ୍ରଷ୍ଟବୋର୍ଡ଼ ବୈଠକରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ |

2019-2020 ବର୍ଷରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଉଚ୍ଚ ଅଗ୍ରାଧିକାର ଓ ଅନ୍ୟ ଅଗ୍ରାଧିକାର କ୍ଷେତ୍ରରେ ବ୍ୟୟ ଅଟକଳର ପ୍ରକଳ୍ପ ଗୁଡିକର ଅତ୍ୟାବଶ୍ୟକତାକୁ ଉପଲବ୍ଧି କରାଯାଇ କେନ୍ଦୁଝର DMF Trust Board ଦ୍ୱାରା ଅନୁମୋଦନ କରାଯାଇଥିବା ପ୍ରକଳ୍ପର ସବିଶେଷ ବିବରଣୀ Annexure -I ରେ ସଂଲଗ୍ନ କରାଗଲା |

(ଖ) ଜିଲ୍ଲାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିୟମାବଳୀ, ୨୦୧୫ରେ ଥିବା କୌଣସି ନିୟମକୁ ଉଲଂଘନ କରାଯାଇନାହିଁ |

**ଡଙ୍ଗାମାନଙ୍କର ଫିଟନେସ ଯାଞ୍ଚ**

ତାରକା ପ୍ରଶ୍ନ ସଂଖ୍ୟା-୧୫୫ -ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି: ଚିଲିକା ହ୍ରଦ ପଶ୍ଚିମ ଉପକୂଳ ବାଲୁଗାଁ ବଡକୂଳ ଜେଟିରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ନଳବଣ ପକ୍ଷୀ ଅଭୟାରଣ୍ୟ କାଳିଜାଇ ମନ୍ଦିର ଆଦି ଚିଲିକାର ବିଭିନ୍ନ ସ୍ଥାନକୁ ଡଙ୍ଗାରେ ଯାତ୍ରା କରୁଛନ୍ତି, ସେମାନଙ୍କର ସୁରକ୍ଷା ପାଇଁ ଡଙ୍ଗା ମାନଙ୍କର ଫିଟନେସ ତନଖି କରି ଲାଇସେନ୍ସ ଦେବା, ଡଙ୍ଗାର ଇନସୁରାନ୍ସ କରିବା ଆଦି ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଯିବା ପାଇଁ ଜଣେ ସ୍ଥାୟୀ ମେକାନିକାଲ ଇଞ୍ଜିନିୟରକୁ ବାଲୁଗାଁ ଓ ବଡକୂଳ ପାଇଁ ନିଯୁକ୍ତି ଦେବେ କି ?

**ଉତ୍ତର**

ଶ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ଚିଲିକା ସମେତ ରାଜ୍ୟର ଅନ୍ତର୍ଦ୍ଦେଶୀୟ ଜଳପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ନିରାପଦ ଯାତ୍ରା ପାଇଁ ରାଜ୍ୟ ସରକାର ଓଡିଶା ବୋଟ ରୁଲ-୨୦୦୪ ପ୍ରଣୟନ କରିଛନ୍ତି। ଏହି ନିୟମ ଅନୁସାରେ ଡଙ୍ଗାଗୁଡିକ ରେଜିଷ୍ଟ୍ରେସନ ହେବା ପରେ ଜଳପଥରେ ଯାତ୍ରୀ ସେବାରେ ନିୟୋଜିତ ହେବେ । ଏହି ନିୟମକୁ

କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କୁ କ୍ଷମତା ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ବିଡିଓ, ତହସିଲଦାର, ପୋଲିସ୍ ଅଫିସର ଓ ଫାୟାର ଅଫିସର ମାନଙ୍କୁ ନେଇ Enforcement Squad ଗଠନ କରାଯାଇ ସଂଗଠିତ ସହଚର୍ଯ୍ୟରେ ନିରାପଦ ନୌଯାତ୍ରା ପାଇଁ ପଦକ୍ଷେପ ନିଆ ଯାଉଅଛି । ଏହି Enforcement Squad ଅଣ- ପଞ୍ଜୀକୃତ ଡଙ୍ଗାଗୁଡିକୁ ଚାଲିବା ପାଇଁ ବାରଣ କରିବା ସହିତ ପ୍ରତ୍ୟେକ ଡଙ୍ଗାରେ Life Saving Equipment, Insurance Certificate , over loading ଆଦି check କରୁଛନ୍ତି ।

ଚିଲିକାର ବାଲୁଗାଁ ଓ ବଡକୂଳ ସମେତ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ଚଳାଚଳ କରୁଥିବା ଡଙ୍ଗା ମାନଙ୍କର ଫିଟନେସ ତନଖି କରି ଲାଇସେନ୍ସ ଦେବା, ଡଙ୍ଗାର ଇନସୁରାନ୍ସ କରିବା ଆଦି ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଯିବା ନିମିତ୍ତ ଜଣେ ସ୍ଥାୟୀ ମେକାନିକାଲ ଇଞ୍ଜିନିୟରକୁ ବାଲୁଗାଁଠାରେ ଅବସ୍ଥାପିତ କରାଯାଇଛି।

## <u>ଅତିରିକ୍ତ ପ୍ରଶ୍ନାବଳୀ ନିମନ୍ତେ ତଥ୍ୟ</u>

ସମଗ୍ର ରାଜ୍ୟରେ ଅନ୍ତର୍ଦ୍ଦେଶୀୟ ଜଳପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ନିରାପଦ ଯାତ୍ରା ପାଇଁ ସରକାର 2004 ମସିହାରେ Odisha Boat Rules,2004 ପ୍ରଣୟନ କରିଛନ୍ତି। ଅନ୍ତର୍ଦ୍ଦେଶୀୟ ଜଳପଥରେ ଚଳାଚଳ ସମସ୍ତ ଡଙ୍ଗା ଏହି ବୋଟ୍ ରୁଲସ୍ ମୁତାବକ ରେଜେଷ୍ଟ୍ରି ହେବ ଏବଂ ବୋଟ ମାଲିକମାନେ ଏଥିନିମନ୍ତେ Licensing Authority ଙ୍କ ନିକଟରୁ ଲାଇସେନସ୍ ପାଇବେ। ଜିଲ୍ଲାପାଳମାନେ ଏହି ରୁଲ୍‌କୁ କାର୍ଯ୍ୟକାରୀ କରିବେ।

ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ତରଫରୁ ପ୍ରତ୍ୟେକ ଜିଲ୍ଲାରେ ଇଞ୍ଜିନିୟରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିରାପଦ ନୌପରିବହନ ନିମନ୍ତେ ଦକ୍ଷତା ବୃଦ୍ଧି କରାଯାଇଅଛି । ଜିଲ୍ଲାପ୍ରଶାସନ ତରଫରୁ ସେମାନଙ୍କୁ ବିଭିନ୍ନ ଡଙ୍ଗା/ବୋଟର ମାନ ତଦାରଖ କରିବା ପାଇଁ Surveyor ଭାବରେ ନିଯୁକ୍ତି ପ୍ରଦାନ କରାଯାଇଅଛି । ସେମାନେ ବିଭିନ୍ନ ଘାଟ ମାନଙ୍କରେ ଚାଲିଥିବା ଡଙ୍ଗା/ବୋଟମାନଙ୍କୁ ଯାଞ୍ଚ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ଯେଉଁ ବୋଟଗୁଡିକ ଚାଲିବାପାଇଁ ଅନୁପଯୁକ୍ତ (Unfit), ବିପଦପୂର୍ଣ୍ଣ ସେଗୁଡିକୁ ଚାଳନାପାଇଁ ମନା କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି, ଯେଉଁ ଡଙ୍ଗା/ବୋଟ ଗୁଡିକ technically fit ଥିବା ସହ ଆବଶ୍ୟକ Life Savings Equipment ଓ Insurance ରଖିଥିବେ, ସେଗୁଡିକୁ ଚାଲିବା ପାଇଁ ଅନୁମତି ମିଳୁଛି, overloading ରୋକିବା

ନିମନ୍ତେ କଡା ନିର୍ଦ୍ଦେଶନାମା ଜାରି କରାଯାଇଅଛି, ନିର୍ଦ୍ଦିଷ୍ଟ ସଂଖ୍ୟକ (ଡଙ୍ଗା/ବୋଟର କ୍ଷମତା ଅନୁସାରେ) ଯାତ୍ରୀ ନେବାପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଅଛି ।

ଏହି Odisha Boat Rule, 2004ର କାର୍ଯ୍ୟକାରିତାକୁ ସ୍ୱଚ୍ଛ ଓ ଦାୟିତ୍ୱବାନ କରିବା ପାଇଁ ଏକ ଅନଲାଇନ ସଫ୍ଟୱେର "BOAT INFORMATION and MANAGEMENT SYSTEM"(BIMS) କୁ ରାଜ୍ୟ ସରକାର ଏହି ବର୍ଷ(୨୦୨୧) ଜାନୁୟାରୀ ମାସରେ ଆରମ୍ଭ କରିଛନ୍ତି। ଏହା ଫଳରେ ଡଙ୍ଗା ରେଜିଷ୍ଟ୍ରେଶନ , ଲାଇସେନ୍ସ ପ୍ରଦାନ, ଚାଳକ ମାନଙ୍କ ଲାଇସେନ୍ସ, ଡଙ୍ଗା ଇନସୁରେନ୍ସ ଓ ଯାତ୍ରୀ ପରମିଟ ଗୁଡିକୁ ଏକତ୍ରୀକରଣ ସମସ୍ତ କାର୍ଯ୍ୟ ଅନଲାଇନ କରିବା ପାଇଁ ବନ୍ଦୋବସ୍ତ କରାଯାଉଛି।

ଏତଦବ୍ୟତୀତ, ରାଜ୍ୟରେ ଯାତ୍ରୀମାନଙ୍କର ସୁରକ୍ଷା ଓ ନିରାପଦ ନୌପରିବହନ ପାଇଁ, ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଯାତ୍ରୀବାହୀ ନୌକା ଗୁଡିକୁ ରାଜ୍ୟ ସରକାରଙ୍କ **ଶହୀଦ ବାଜିରାଉତ ନୌସୁରକ୍ଷା ଯୋଜନାରେ** ଜୀବନରକ୍ଷାକାରୀ ସଂରଞ୍ଜାମ ଯଥା; ଲାଇଫବଏ, ଲାଇଫ ଜ୍ୟାକେଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ର ୯୫% ରିହାତି ମୂଲ୍ୟ (subsidy) ରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଅଛି । ଏହାର ବ୍ୟବହାର ଦ୍ୱାରା ନୌକା ଦୁର୍ଘଟଣା ଜନିତ ଜୀବନ ହାନି ଅନେକାଂଶରେ ରୋକାଯାଇ ପାରିଛି ।

ଚିଲିକାରେ ବ୍ୟବସାୟିକ ନୌପରିବହନ ପାଇଁ ଜାନୁୟାରୀ ୨୦୨୧ ସୁଦ୍ଧା ୨୨୦୩ଟି ଲଞ୍ଚ/ମଟରବୋଟ୍ ଓ ଡଙ୍ଗା ପଞ୍ଜିକରଣ ହୋଇଅଛି । ଚିଲିକା ସମେତ ବିଭିନ୍ନ ନଦୀ, ହ୍ରଦ, ଜଳ ଭଣ୍ଡାର ଆଦି ଅନ୍ତର୍ଦ୍ଦେଶୀୟ ଜଳପଥରେ ନିରାପଦ ନୌଯାତ୍ରା ନିମିତ୍ତ ସରକାର ଓଡିଶା ବୋଟ ରୁଲ-୨୦୦୪ ପ୍ରଣୟନ କରିଛନ୍ତି। ଏହି ନିୟମ ଅନୁସାରେ ଡଙ୍ଗାଗୁଡିକ ରେଜିଷ୍ଟ୍ରେସନ ହେବା ପରେ ଜଳପଥରେ ଯାତ୍ରୀ ସେବାରେ ନିୟୋଜିତ ହେବେ । ଏହି ନିୟମକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କୁ କ୍ଷମତା ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ବିଡିଓ, ତହସିଲଦାର, ପୋଲିସ୍ ଅଫିସର ଓ ଫାୟାର ଅଫିସର ମାନଙ୍କୁ ନେଇ Enforcement Squard ଗଠନ କରାଯାଇ ସଂଗଠିତ ସହଚର୍ଯ୍ୟରେ ନିରାପଦ ନୌଯାତ୍ରା ପାଇଁ ପଦକ୍ଷେପ ନିଆ ଯାଉଅଛି । ଏହି Enforcement Squard ଅଣ- ପଞ୍ଜୀକୃତ ଡଙ୍ଗାଗୁଡିକୁ ଚାଲିବା ପାଇଁ ବାରଣ କରିବା ସହିତ ପ୍ରତେକ ଡଙ୍ଗାରେ Life Saving Equipment, Insurance Certificate , over loading ଆଦି check କରୁଛନ୍ତି

## Details of Boats Registered & Renewed in Chilika Lake

| Sl. No. | Name of the District | No. of Boats | No. of Boats Renewed |
|---|---|---|---|

| | | Registered (Up to Jan,2021) | during 2020-21 (Up to Jan,2021) |
|---|---|---|---|
| **(1)** | **(2)** | **(3)** | **(4)** |
| 01. | Puri | 1441 | 5 |
| 02. | Khurda | 684 | 249 |
| 03. | Ganjam | 78 | 3 |
| | **TOTAL** | **2203** | **257** |

## OMBADC ପାଣ୍ଠିର ଅର୍ଥ ହସ୍ତାନ୍ତର

***SAQ 159. ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ**: ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି – ବେଆଇନ ଖଣି କାର୍ଯ୍ୟକଳାପ ମାମଲା ( WP. 114 / 2014 ) ରାୟ ଅନୁଯାୟୀ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ବିକାଶ ଲକ୍ଷ୍ୟରେ ଗଠିତ S.P.V. ପାଣ୍ଠିକୁ ଅନ୍ୟତ୍ର ବିନିଯୋଗ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଥିଲେ ପୁନଶ୍ଚ ବିଶେଷ ପରିସ୍ଥିତିରେ ରାଜ୍ୟ ମହାଲେଖାଗାର (AG) ଓ କେନ୍ଦ୍ର CAG ଙ୍କ ପରାମର୍ଶ କ୍ରମେ ଓଡିଶା ଖଣିଜ ଅଞ୍ଚଳ ବିକାଶ ପରିଷଦ ( OMBADC) ର ଯୋଜନା ଅଟକଳ ପରେ ବଳକା ରହୁଥିବା ଅର୍ଥର 60 % ରାଜ୍ୟ ସରକାରଙ୍କୁ ସର୍ତ୍ତଭିତ୍ତିକ ଋଣ ଆକାରରେ ଦିଆଯାଇ ପାରିବ ବୋଲି ତଦାରଖ କର୍ତ୍ତୃପକ୍ଷ ( OA) ଜଷ୍ଟିସ ଏକେ, ପଟ୍ଟାନାୟକ ନିର୍ଦ୍ଦେଶ ଦେଇଥିଲେ ଏହା ସତ୍ତ୍ୱେ (OMBADC) ପାଣ୍ଠିରେ ଗଚ୍ଛିତ ମୋଟ ଅର୍ଥର 99 .4% ( 16.526 କୋଟି ଟଙ୍କା ) ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ହେବା କୋର୍ଟ ଅବମାନନା ନୁହେଁ ?

**ଉତ୍ତର**

**ଶ୍ରୀ ପଦ୍ମନାଭ ବେହେରା**

**ମାନ୍ୟବର ମନ୍ତ୍ରୀ, ଯୋଜନା ଓ ସଂଯୋଜନ**

**ବାଣିଜ୍ୟ ଓ ପରିବହନ**

ପ୍ରାପ୍ତ ତଥ୍ୟ ଅନୁଯାୟୀ ମାନ୍ୟବର ସୁପ୍ରିମ କୋର୍ଟଙ୍କ 29.10.2018 ତାରିଖର ଆଦେଶ ଅନୁଯାୟୀ Oversight Authority, C& AG, Principal AG, Odisha ଏବଂ ମୁଖ୍ୟ ଶାସନ ସଚିବଙ୍କ ସହ ପରାମର୍ଶ କ୍ରମେ OMBADC ର Idle ଏବଂ Reserve fund କୁ

ନିରାପତ୍ତା  ଓ ସର୍ବାଧିକ ସୁଧ ମିଳୁଥିବା ଦିଗକୁ ଦୃଷ୍ଟିରେ ରଖି ନିବେଶ କରିପାରିବେ |ପରବର୍ତ୍ତୀ ସମୟରେ ସୁପ୍ରିମ କୋର୍ଟଙ୍କ ଉପରୋକ୍ତ ଆଦେଶକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ, Oversight Authority,C& AG, Principal AG ଓଡିଶାଙ୍କ ସହମତି ନେଇ ଏକ ବିଜ୍ଞପ୍ତି ଜାରିକରିଛନ୍ତି |

OMBADC ନିକଟରେ ୧.୧୨.୨୦୧୭ ରୁ ୩୧.୦୧.୨୦୨୧ ମଧ୍ୟରେ ମୋଟ ୧୬,୫୭୫ .୪୭ କୋଟି ଟଙ୍କା ପ୍ରାପ୍ତି ହୋଇଅଛି |ଏହା ବାଦ AUCTION TREASURY BILL ନିବେଶରୁ ମିଳିଥିବା ସୁଧ ବାବଦକୁ ୨,୨୭୫.୨୩ କୋଟି ଟଙ୍କା ମିଳିଛି ଏବଂ ଓଡିଶା ସରକାରଙ୍କ ଠାରୁ ୩୩.୫୭ କୋଟି ଟଙ୍କା ସୁଧ ରାଶି ପ୍ରାପ୍ତ ହୋଇଅଛି | ଏହି ପରି ଭାବରେ OMBADC ନିକଟରେ ୧୮,୮୮୪.୨୭ କୋଟି ଟଙ୍କା ଉପଲବ୍ଧ ହୋଇଅଛି | ଏଥିରୁ ବିଭିନ୍ନ ପ୍ରକଳ୍ପ ବାବଦକୁ ୩୧୨୫.୫୩ କୋଟି ଟଙ୍କା ବିଭିନ୍ନ ବିଭାଗକୁ ଦିଆଯାଇଅଛି | ରାଜ୍ୟ ସରକାରଙ୍କୁ ୫୯୫୫ କୋଟି ଟଙ୍କା ଋଣ ଦିଆଯାଇଅଛି  ଯାହାକି ମୋଟ ପାଣ୍ଠିର ୩୧.୫୩  ଶତାଂଶ | AUCTION TREASURY   BILL ରେ ୯୬୫୯.୮୪ କୋଟି ଟଙ୍କା ନିବେଶ ହୋଇଅଛି ଏବଂ ୧.୯୬ କୋଟି ଟଙ୍କା  ଫେରସ୍ତ ହୋଇଅଛି ଏବଂ PL ACCOUNT  ରେ ୧୪୧.୯୪ କୋଟି ଟଙ୍କା ଗଛିତ ଅଛି | ଏଣୁ OMBADC  ନିକଟରେ ଉପଲବ୍ଧ ୧୮୮୮୪.୨୭ କୋଟି ଟଙ୍କାରୁ ରାଜ୍ୟ ସରକାରଙ୍କୁ ୫୯୫୫ କୋଟି ଟଙ୍କା ଋଣ ଦିଆଯାଇଅଛି ଯାହାକି  ମୋଟ ଉପଲବ୍ଧ ଟଙ୍କାର ୩୧.୫୩ ପ୍ରତିଶତ ଅଟେ |ଏହା ମହାଲେଖାକାର ଏବଂ ମାନ୍ୟବର OVERSIGHT AUTHORITY ଙ୍କ ଦ୍ୱାରା ଅନୁମୋଦିତ ଓ ମାନ୍ୟବର ସର୍ବୋଚ୍ଚ  ନୟାଳୟଙ୍କ ନିର୍ଦ୍ଦେଶ ମୁତାବକ

ସ୍ଥିରୀକୃତ ୬୦% ସୀମା ମଧ୍ୟରେ ସୀମିତ ରହିଅଛି | OMBADC ଠାରୁ ମିଳିଥିବା ପାଣ୍ଠିର ହିସାବ ପରିଶିଷ୍ଟ "କ" ରେ ପ୍ରଦାନ କରାଗଲା |

**Inland Water Way ସ୍ଥାପନ ପାଇଁ ଯୋଜନା**

ତାରକା ପ୍ରଶ୍ନ ସଂଖ୍ୟା-୧୬୨ -ଶ୍ରୀ ପ୍ରତାପ କେଶରୀ ଦେବ

ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :କେନ୍ଦ୍ର ସରକାର ଦ୍ଵାରା ଖରସ୍ରୋତା ନଦୀରେ Inland Waterway ସ୍ଥାପନ କରିବାର ଯୋଜନା ଅଛି କି, ଏହି ପ୍ରକଳ୍ପ ଉପରେ କୌଣସି କାମ ହୋଇଥିବା ସରକାରଙ୍କ ନଜରରେ ଅଛି କି, ଯଦି "ହଁ" ତେବେ ଏହି କାମର ବ୍ୟୟ ଅଟକଳରେ ମୂଲ୍ୟ କେତେ, ଏବଂ କେଉଁ ଠାରୁ କେଉଁ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି, ଏହି ପ୍ରକଳ୍ପକୁ ପର୍ଯ୍ୟାବରଣ ମଞ୍ଜୁରୀ ମିଳିଛି କି ?

**ଉତ୍ତର**

ଶ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ , ବାଣିଜ୍ୟ ଓ ପରିବହନ

କେନ୍ଦ୍ର ସରକାରଙ୍କ ଜାତୀୟ ଜଳମାର୍ଗ ନୀତି – ୨୦୧୬ ଅନୁଯାୟୀ ପ୍ରାୟ ୬୨୩ କିଲୋମିଟର ଲମ୍ବ ନଦୀ ଓ କେନାଲ ପଥକୁ ଜାତୀୟଜଳପଥ -୫ ରୂପେ ଘୋଷଣା କରାଯାଇଅଛି। ଏହାମଧ୍ୟରେ ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ୨୬୫ କିଲୋମିଟର ଲମ୍ବ ଜଳପଥ ବ୍ରାହ୍ମଣୀ, ଖରସ୍ରୋତା ଓ ଧାମରା ନଦୀ ଦେଇ ଯିବ। ଏଥି ସହିତ ପଶ୍ଚିମବଙ୍ଗର ଜିଓଁଖାଲିଠାରୁ ଓଡିଶାର ଚାରବାଟିଆ ପର୍ଯ୍ୟନ୍ତ ପୂର୍ବତଟ କେନାଲର ୨୧୭ କିଲୋମିଟର ଅନ୍ତର୍ଭୁକ୍ତ ଅଟେ। ମତାଇ ନଦୀର ୪୦ କିଲୋମିଟର ଓ ମଙ୍ଗଳଗଡ଼ିରୁ ପାରାଦୀପ ପର୍ଯ୍ୟନ୍ତ ୧୦୧ କିମି ଜଳପଥ ମଧ୍ୟ ଏହି ଜାତୀୟ ଜଳପଥ – ୫ ରେ ଅନ୍ତର୍ଭୁକ୍ତ ଅଟେ। ଖରସ୍ରୋତା ନଦୀ ଏହି ଜାତୀୟ ଜଳମାର୍ଗ-୫ ଏକ ଅଂଶ ଅଟେ । ଏହି ଜଳମାର୍ଗରେ ପଣ୍ୟ ପରିବହନର ଯୋଜନା ଭାରତୀୟ ଜଳମାର୍ଗ କର୍ତ୍ତୃପକ୍ଷ, ଭାରତ ସରକାରଙ୍କ ଦ୍ଵାରା କରାଯାଇଅଛି।

ଏହାର ପ୍ରଥମ ପର୍ଯ୍ୟାୟରେ ଜୋକଡିଆ/ପଙ୍କପାଳ (କଳିଙ୍ଗ ନଗର) ଠାରୁ ଧାମରା ଏବଂ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଜଳଖଣ୍ଡର ଉନ୍ନୟନ ନିମନ୍ତେ ଭାରତୀୟ ଜଳମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷ(Inland Waterways Authority of India(IWAI), ଧାମରା ବନ୍ଦର କର୍ତ୍ତୃପକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଓଡିଶା ସରକାରଙ୍କ ମଧ୍ୟରେ ଚୁକ୍ତି ପତ୍ର ସ୍ଵାକ୍ଷର ହେଇଛି।

IWAI ଦେଇଥିବା ତଥ୍ୟ ଅନୁସାରେ:

୧. IWAI ଦ୍ୱାରା ତାଳଚେର ଠାରୁ ପଙ୍କପାଳ ପର୍ଯ୍ୟନ୍ତ Hydrographic ସର୍ଭେ କରାଯାଇଛି।

୨. ୦୪ (ଚାରି) weirs ତଥା ବ୍ୟରେଜ , ୦୩(ତିନି) Navigation Locks, ୨(ଦୁଇ) Check Dams ଏବଂ ଗୋଟିଏ ରବର ବନ୍ଧ ନିର୍ମାଣ କାର୍ଯ୍ୟ Tractable Engineering ସଂସ୍ଥାକୁ ଦିଆଯାଇଛି। ଏହାର DPR ଜାତୀୟ ଜଳ ଆୟୋଗକୁ ପ୍ରଦାନ କରାଯାଇଅଛି ଏବଂ ସ୍ୱୀକୃତି ପ୍ରାପ୍ତି ପାଇଁ ଅପେକ୍ଷା କରାଯାଇଅଛି।

୦୩. ଗଠିତ ହୋଇଥିବା ବନ୍ଧ ଗୁଡିକର ପରିବର୍ତନ ଏବଂ ପୁନଃ-ନିର୍ମାଣ ପାଇଁ SM Consultant ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଛି। ଏହି ଡିଜାଇନ ଏବଂ ଡ୍ରଇଂକୁ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ଓ ଜଳ ସମ୍ପଦ ବିଭାଗ vetting ପାଇଁ ପଠା ଯାଇଅଛି ଏବଂ ତାହାର ସ୍ୱୀକୃତି ପ୍ରାପ୍ତି ପାଇଁ ଅପେକ୍ଷା କରାଯାଇଅଛି।

**୦୪.** ପାରଦୀପ/ଧାମରା ଏବଂ ପଙ୍କପାଳଠାରେ Environmental Impact Assessment(EIA) ଏବଂ EMP ର ପରୀକ୍ଷଣ ପାଇଁ ଚୁକ୍ତିରେ ନିର୍ଦ୍ଦେଶ ଥିଲେ ମଧ୍ୟ ପରବର୍ତୀ ସମୟରେ ତାହାର ଆବଶ୍ୟକତା ନାହି। କେବଳ CRZ ଓ WILD LIFE Clearance କୁ ବିବେଚନା କରାଯିବ।

୦୫. ଏରଡା ନିକଟରେ dredging ପଦାର୍ଥର ନିକ୍ଷେପଣ ପାଇଁ ୨୦ଜଣ ଜମି ମାଲିକଙ୍କ ନିକଟରୁ ୬.୮୭ ଏକର ୦୭(ସାତ) ବର୍ଷ ପାଇଁ ଲିଜ ଆକାରରେ ନିଆଯାଇଥିଲା। ସେଥିରୁ ୬ ବର୍ଷ ବର୍ତମାନ ବିତି ଯାଇଅଛି।

## ଚାଷଜମିକୁ ଜଳସେଚନ ବ୍ୟବସ୍ଥା

SAQ -165/ ଶ୍ରୀ ନରସିଂହ ମିଶ୍ର :ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି , ତାହା ମୋଟ ଚାଷ ଜମି ର କେତେ ଶତାଂଶ , ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି;20 1 0ରୁ 2020 ମସିହା ପର୍ଯ୍ୟନ୍ତ କେଉଁ ଉତ୍ସ ପ୍ରକଳ୍ପ ରୁ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରିଛନ୍ତି , ତାର ବର୍ଷୱାରୀ ସବିଶେଷ ବିବରଣୀ ସହ ବର୍ଷୱାରୀ ଅନୁଦାନ ଓ ଖର୍ଚ୍ଚର ତଥ୍ୟ ପ୍ରଦାନ କରିବେ କି ?

## ଉ ତ୍ତ ର

**ଶ୍ରୀ ରଘୁନନ୍ଦନ ଦାସ, ଜଳସମ୍ପଦ ମନ୍ତ୍ରୀ, ଓଡିଶା ।**

ରାଜ୍ୟରେ 2020 ମସିହା ମାର୍ଚ୍ଚ ମାସ ଶେଷସୁଦ୍ଧା ବିଭିନ୍ନ ଉତ୍ସମାନଙ୍କ ଦ୍ୱାରା ପ୍ରାୟ 43.07 ଲକ୍ଷ ହେକ୍ଟର ଚାଷ ଜମିରେ ସେଚସାମର୍ଥ୍ୟ ସୃଷ୍ଟି କରାଯାଇଅଛି । ଯାହାକି ମୋଟ ଚାଷ ଜମିର 69.70 ଶତାଂଶ ଅଟେ । ଏହାର ଜିଲ୍ଲାୱାରୀ ତଥ୍ୟ **ପରିଶିଷ୍ଟ "କ"** ରେ ସଂଲଗ୍ନ କରାଯାଇଛି । 20 10ମସିହା ଠାରୁ 2020 ମସିହା ମାର୍ଚ୍ଚ ମାସ ଶେଷସୁଦ୍ଧା ବିଭିନ୍ନ ଉତ୍ସମାନଙ୍କ ଦ୍ୱାରା ପ୍ରାୟ 13.45ଲକ୍ଷ ହେକ୍ଟର ଚାଷ ଜମିରେ ସେଚସାମର୍ଥ୍ୟ ସୃଷ୍ଟି କରାଯାଇଅଛି। ଏହାର ବର୍ଷୱାରୀ ବିବରଣୀ **ପରିଶିଷ୍ଟ "ଖ"** ରେ ସଂଲଗ୍ନ କରାଯାଇଛି । ଉପରୋକ୍ତ ସମୟ ସୀମା ମଧ୍ୟରେ ଜଳସମ୍ପଦ ବିଭାଗ ଦ୍ୱାରା କରାଯାଇଥିବା ଖର୍ଚ୍ଚର ତଥ୍ୟ **ପରିଶିଷ୍ଟ "ଗ"** ରେ ସଂଲଗ୍ନ କରାଯାଇଛି ।

## କୋଭିଡ ବେଳେ ଜିଡିପି ବୃଦ୍ଧି ପାଇଁ ଯୋଜନା

**SAQ-166** : ଶ୍ରୀ ଅଶ୍ୱିନୀ କୁମାର ପାତ୍ର : ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି: - ରାଜ୍ୟରେ କୋଭିଡ୍ ପରିସ୍ଥିରେ ଜିଡିପି ବୃଦ୍ଧି ପାଇଁ ଯୋଜନାକୁ କିପରି ପରିଚାଳିତ କରାଯାଉଛି ଏବଂ ଆଗାମୀ ପ୍ରସ୍ତୁତି କଣ ଯାହା ନୂଆ ଆର୍ଥିକ ବର୍ଷକୁ ବାଟ ଦେଖାଇବ ?

**ଉତ୍ତର**

**ଶ୍ରୀ ପଦ୍ମନାଭ ବେହେରା**
**ମନ୍ତ୍ରୀ, ଯୋଜନା ଓ ସଂଯୋଜନ**
**ବାଣିଜ୍ୟ ଓ ପରିବହନ**

କୋଭିଡ୍ ପରିସ୍ଥିତିର ମୁକାବିଲା ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ସମ୍ଭାଳିବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ଯାହାଦ୍ୱାରା COVID-19 ମହାମାରୀର ପ୍ରଭାବ ସତ୍ତ୍ୱେ ଜାନୁୟାରୀ, 2021 ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ 7 ଦଶମିକ 4 ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ।

1. ନୂତନ ଖଣି ନିଲାମ ଦ୍ୱାରା ଏକକାଳୀନ ଖଣି ରାଜସ୍ୱ, ଷ୍ଟାମ୍ପ୍ ଶୁଳ୍କ ତଥା ପଞ୍ଜୀକରଣ ଶୁଳ୍କ ଆଦାୟ ।
2. ବ୍ୟାଙ୍କ ଖାତାରେ ଅଟକଥିବା ସରକାରୀ ଅର୍ଥକୁ ସରକାରଙ୍କ ତହବିଲକୁ ଫେରସ୍ତ ଆଣିବା ପାଇଁ ପଦକ୍ଷେପ ।
3. ଏକକାଳୀନ ସ୍ଥିରୀକରଣ (OTS) ଯୋଜନା ଦ୍ୱାରା ବକେୟା ଦେୟ ଆଦାୟ ।
4. ଅର୍ଥ ବିଭାଗ ପରିପତ୍ର ସଂଖ୍ୟା-20042/F ତା. 07.07.2020 ଦ୍ୱାରା ଖର୍ଚ୍ଚର ପୁନଃ ପ୍ରାଥମିକିକରଣ ପାଇଁ ପଦକ୍ଷେପ ।

ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର ସରକାର 3% fiscal deficit ବାଦେ ରାଜ୍ୟ ସରକାରଙ୍କୁ ଅତିରିକ୍ତ 2% fiscal deficit ପାଇଁ ଅନୁମତି ପ୍ରଦାନ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ଋଣ କରିବାର କ୍ଷମତାକୁ ମଧ୍ୟ 3 % ରୁ 5% କୁ ବୃଦ୍ଧି କରିଛନ୍ତି । ଏହି ଅତିରିକ୍ତ fiscal deficit ନିମନ୍ତେ ରାଜ୍ୟ ସରକାର One nation One Ration Card, Ease of Doing Business. Power Distribution Reform ଓ Urban Local Body Revenue ଭଳି କ୍ଷେତ୍ରରେ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । COVID-19 ଦ୍ୱାରା ଜନସାଧାରଣଙ୍କର ଜୀବିକା ନିର୍ବାହ ଉପରେ ପଡିଥିବା ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର କୃଷି ଓ ଆନୁସଂଗିକ କ୍ଷେତ୍ରରେ ବିଭିନ୍ନ ଜୀବିକା ଉପାର୍ଜନ ମୂଳକ କାର୍ଯ୍ୟକ୍ରମ ଓ ଋଣ ଲଗାଣକୁ ତ୍ୱରାନିତ୍ୱ କରିଛନ୍ତି ଏବଂ ରାଜ୍ୟ ଅର୍ଥନୀତିରେ ପ୍ରଭାବିତ କ୍ଷେତ୍ରଗୁଡିକୁ ପୁନଃ ସକ୍ରିୟ କରିବା ପାଇଁ ଏକ ସହଯୋଗ ମୂଳକ ବାତାବରଣ ସୃଷ୍ଟି କରିଛନ୍ତି । ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ସୁଧ ଓ ଅନ୍ୟାନ୍ୟ ରିହାତି ପାଇଁ ଅତିରିକ୍ତ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି । ଉପରୋକ୍ତ ପଦକ୍ଷେପ ମାଧ୍ୟମରେ ଆଗାମୀ ବର୍ଷରେ ରାଜ୍ୟର ରାଜସ୍ୱ ପ୍ରାୟ 10 ପ୍ରତିଶତ ବୃଦ୍ଧି ପାଇବ ବୋଲି ସରକାର ଆକଳନ କରୁଛନ୍ତି ।

## Biju K.B.K. ଯୋଜନାରେ ଅର୍ଥ ମଞ୍ଜୁର

**SAQ-172.** ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି-

(କ) 2019-20 ଆର୍ଥିକ ବର୍ଷରେ Biju K.B.K. ଯୋଜନାରେ ନବରଙ୍ଗପୁର ଜିଲ୍ଲାକୁ କେତେ ଅର୍ଥ ମଞ୍ଜୁର ହୋଇଥିଲା ଉକ୍ତ ଅର୍ଥ ଜିଲ୍ଲା ଯୋଜନା ବୋର୍ଡର ଅନୁମୋଦନକ୍ରମେ ନିର୍ବାଚନ ମଣ୍ଡଳୀୱାରୀ ବଣ୍ଟନ ହୋଇଛି କି ; ଯଦି ହୋଇନାହିଁ ତେବେ ଏହାର କାରଣ କଣ ; (ଖ) ଜିଲ୍ଲା ଯୋଜନା ବୋର୍ଡରେ ଉମରକୋଟ ନିର୍ବାଚନ ମଣ୍ଡଳୀର ଅନୁମୋଦିତ Project Proposal ମଧ୍ୟରୁ କେତୋଟି Project Proposal କୁ ରାଜ୍ୟଯୋଜନା ବୋର୍ଡ ଅନୁମୋଦନ କରିଛି ଓ କେଉଁ କେଉଁ Project Proposal କୁ କାଟିଦିଆଯାଇଛି ଏହାର ସବିଶେଷ ବିବରଣୀ ଦେବେ କି ?

**ଉତ୍ତର**

**ଶ୍ରୀ ପଦ୍ମନାଭ ବେହେରା**

**ମନ୍ତ୍ରୀ, ଯୋଜନା ଓ ସଂଯୋଜନ**

**ବାଣିଜ୍ୟ ଓ ପରିବହନ**

(କ) 2019-20 ଆର୍ଥିକ ବର୍ଷରେ Biju K.B.K. ଯୋଜନାରେ ନବରଙ୍ଗପୁର ଜିଲ୍ଲାକୁ 15 କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଉକ୍ତ ଅର୍ଥରୁ 10 କୋଟି ଟଙ୍କା ରାଜ୍ୟସ୍ତରୀୟ (State Sector) ଯୋଜନା ଓ 5 କୋଟି ଟଙ୍କା ଜିଲ୍ଲା ସ୍ତରୀୟ (District Sector) ଯୋଜନା ପାଇଁ ଉଦ୍ଦିଷ୍ଟ । ଜିଲ୍ଲା ଯୋଜନା କମିଟି ରାଜ୍ୟସ୍ତରୀୟ ଯୋଜନା ଓ ଜିଲ୍ଲା ସ୍ତରୀୟ

ଯୋଜନାରେ ପ୍ରକଳ୍ପଗୁଡିକ ପାଇଁ ନିର୍ବାଚନ ମଣ୍ଡଳୀୱାରୀ ଅର୍ଥ ଆବଣ୍ଟନ କରିନଥିଲେ । Biju K.B.K ଯୋଜନାର ମାର୍ଗଦର୍ଶିକା (**ପରିଶିଷ୍ଟ-'କ'**) ଅନୁଯାୟୀ ଏହି ଅର୍ଥକୁ ନିର୍ବାଚନ ମଣ୍ଡଳୀୱାରୀ ଆବଣ୍ଟନ କରାଯାଏ ନାହିଁ ।

(ଖ) ଜିଲ୍ଲା ଯୋଜନା କମିଟିର ଅନୁମୋଦନ କ୍ରମେ District Sector ଯୋଜନାରେ ଆସିଥିବା 5 କୋଟି ଟଙ୍କାର ମୋଟ 167 ପ୍ରକଳ୍ପକୁ ରାଜ୍ୟ ସରାକାର ଅନୁମୋଦନ କରିଥିଲେ ଯାହାକି **ପରିଶିଷ୍ଟ-'ଖ'** ରେ ପ୍ରଦାନ କରାଯାଇଅଛି । ସେହିପରି State Sector ଯୋଜନାରେ ଆସିଥିବା 10 କୋଟି ଟଙ୍କାର 282 ଟି ପ୍ରକଳ୍ପ ମଧ୍ୟରୁ 350.50 ଲକ୍ଷ ଟଙ୍କାର 48 ଟି ପ୍ରକଳ୍ପକୁ ବାଦ ଦେଇ ତାପରିବର୍ତ୍ତେ ଆବଶ୍ୟକତାକୁ ଉପଲବ୍ଧିକରି ସେହି ମୂଲ୍ୟର 162 ଟି ନୂତନ ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରି ସମୁଦାୟ 396 ଟି ପ୍ରକଳ୍ପକୁ ରାଜ୍ୟ ସରାକାର ଅନୁମୋଦନ କରିଥିଲେ ଯାହାର ତାଲିକା **ପରିଶିଷ୍ଟ-'ଗ'** ରେ ପ୍ରଦାନ କରାଯାଇଅଛି । ଜିଲ୍ଲାରୁ ଆସିଥିବା ତାଲିକାରୁ ବାଦ ପଡିଥିବା 48 ଟି ପ୍ରକଳ୍ପର ତାଲିକା ଓ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା 162 ଟି ପ୍ରକଳ୍ପର ତାଲିକା ଯଥାକ୍ରମେ **ପରିଶିଷ୍ଟ-'ଘ'** ଓ **'ଙ'** ରେ ପ୍ରଦାନ କରାଯାଇଅଛି ।

## ବିଧାୟକମାନଙ୍କ ଦ୍ଵାରା ସୁପାରିଶ ହୋଇଥିବା ପ୍ରକଳ୍ପ ସୁପାରିଶ

**SAQ-178** : ଶ୍ରୀ ସନ୍ତୋଷ ସିଂହ ସାଲୁଜା : ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି: - (କ) WODC 2019 – 2020, 2020- 2021 ବିଧାୟକମାନଙ୍କ ଦ୍ଵାରା ମୋଟ କେତେ ପ୍ରକଳ୍ପ ସୁପାରିଶ କରିଛନ୍ତି ଏବଂ Diversion Project, Interest Money ର ମୋଟ Project ସୁପାରିଶ କରିଛନ୍ତି ଏହାର ବ୍ଲକୱାରୀ ଗୋଟିଏ ତାଲିକା ପ୍ରଦାନ କରିବେକି, (ଖ) WODC ରେ ବିଧାୟକମାନଙ୍କ ଦ୍ଵାରା ସୁପାରିଶ ପ୍ରକଳ୍ପମାନଙ୍କୁ ପ୍ରାଥମିକତା ନଦେଇ ବିଭାଗୀୟ ଅଧିକାରୀମାନଙ୍କ ଦ୍ଵାରା ଦୁର୍ନୀତି କରି ଅନ୍ୟାନ୍ୟ ପ୍ରକଳ୍ପକୁ ଭର୍ତ୍ତି କରି ତାକୁ approve କରୁଥିବା କଥା ସରକାର ଜାଣନ୍ତିକି, ଏବଂକେଉଁ ସମୟସୀମା ଭିତରେ କଂଟାବାଞ୍ଜି ବିଧାୟକ ସହ ସମସ୍ତ ବିଧାୟକ ସୁପାରିଶ କରିଥିବା Diversion of Project, Interest Money ସମସ୍ତ ପ୍ରକାର ପ୍ରକଳ୍ପକୁ WODC ଅନୁମୋଦନ ଦେବେ କି ?

**<u>ଉତ୍ତର</u>**

**ଶ୍ରୀ ପଦ୍ମନାଭ ବେହେରା**

**ମନ୍ତ୍ରୀ, ଯୋଜନା ଓ ସଂଯୋଜନ**

**ବାଣିଜ୍ୟ ଓ ପରିବହନ**

(କ) 2019-20 ଓ 2020-21 ବର୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ବିଧାୟକମାନଙ୍କ ଦ୍ୱାରା ପ୍ରଦତ୍ତ ସମୁଦାୟ ପ୍ରକଳ୍ପ ସୁପାରିଶର ଏକ ତାଲିକା **ପରିଶିଷ୍ଟ-'କ'** ରେ ସଂହଗ୍ନ କରାଗଲା । ସେହିପରି Diversion Project, Interest Money ରୁ ପ୍ରକଳ୍ପ ମଞ୍ଜୁର ପାଇଁ ପରିଷଦକୁ ଆସିଥିବା ସମୁଦାୟ ପ୍ରକଳ୍ପ ସୁପାରିଶର ବ୍ଲକୱାରୀ ଅନ୍ୟ ଏକ ତାଲିକା **ପରିଶିଷ୍ଟ-'ଖ'** ରେ ସଂଲଗ୍ନ କରାଗଲା । (ଖ) ପଶ୍ଚିମ ଓଡିଶା ବିକାଶ ପରିଷଦ ବିଧାୟକମାନଙ୍କ ଦ୍ୱାରା ସୁପାରିଶ ପ୍ରକଳ୍ପ ସହିତ ପଶ୍ଚିମ ଓଡିଶାର ମାନ୍ୟବର ସାଂସଦ, ବିଭିନ୍ନ ସରକାରୀ ଅଧିକାରୀ, ଲୋକପ୍ରତିନିଧି ଓ ଜନସାଧାରଣମାନଙ୍କ ଦ୍ୱାରା ପ୍ରଦତ୍ତ ଯୋଗ୍ୟ ପ୍ରକଳ୍ପ ପ୍ରସ୍ତାବକୁ ବଚାର କରି ପଶ୍ଚିମ ଓଡିଶା ବିକାଶ ପରିଷଦ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇଥାଏ । ପରିଷଦ ସ୍ୱତନ୍ତ୍ର ଅନୁଦାନର 10 ପ୍ରତିଶତ ପର୍ଯ୍ୟନ୍ତ Diversion Project, ଓ Interest Money ରୁ ଉପଲବ୍ଧ ଅର୍ଥରୁ ଯୋଗ୍ୟ ପ୍ରକଳ୍ପ ଚୟନ କରିଥାନ୍ତି ।